# ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା

## (ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)

ବାଉଁଶ ପ୍ରକୃତିର ଏକ ମୂଲ୍ୟବାନ ଉପହାର ଯାହାକି ଯୁଗଯୁଗ ଧରି ଆମ ଦୈନନ୍ଦିନ ଜୀବନ ସହ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ଆସିଛି ଏବଂ ଆମର ଖାଦ୍ୟ ଓ ବାସସ୍ଥଳୀ ଠାରୁ ଆରମ୍ଭ କରି ଜୀବିକା ନିର୍ବାହର ବିଭିନ୍ନ ଆବଶ୍ୟକତାକୁ ପୂରଣ କରୁଛି। କାଗଜ, ହସ୍ତଶିଳ୍ପ ଓ ଅନ୍ୟାନ୍ୟ ପାରମ୍ପରିକ ଦ୍ରବ୍ୟର କଞ୍ଚାମାଲ ରୂପେ ବାଉଁଶର ଉପଯୋଗିତା ବ୍ୟତୀତ ବିଭିନ୍ନ ଗୁଣାତ୍ମକ ମାନବୃଦ୍ଧି ଯୁକ୍ତ ସାମଗ୍ରୀ ପ୍ରସ୍ତୁତି ପାଇଁ ଏହା ଏକ ପ୍ରଧାନ ଉତ୍ସ ଭାବରେ ଆଦୃତ ଲାଭ କରୁଛି। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାନ ବୃଦ୍ଧି ଉଦ୍‌ବେଗର କାରଣ ହୋଇଥିବା ବେଳେ ବିଭିନ୍ନ ପ୍ରକାର ପ୍ରୟୋଗ ତଥା ବ୍ୟବହାର ପାଇଁ ବାଉଁଶ ଏକ ଅଧିକ ପସନ୍ଦଯୋଗ୍ୟ ବିକଳ୍ପ ହେବାକୁ ଯାଉଅଛି।


ବାଉଁଶ ବୁଦା


ବାଉଁଶ କାରିଗର


ବାଉଁଶ ତକ୍ତା


ବାଉଁଶ କରଡ଼ି


ଗୃହ ନିର୍ମାଣ ପାଇଁ ବାଉଁଶ

ଆଜି ପର୍ଯ୍ୟନ୍ତ ଆମର ଚାହିଦା ମେଣ୍ଟାଇବାରେ ଏନ୍ତୁଡ଼ି ଠାରୁ କୋକେଇ ପର୍ଯ୍ୟନ୍ତ ବାଉଁଶର ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ବ୍ୟବହାରର ନିଦର୍ଶନ ରହିଅଛି। ତେଣୁ ଆଶ୍ରୟ, ଜୀବିକା ନିର୍ବାହ ଓ ଖାଦ୍ୟ ନିରାପତ୍ତା ଯୋଗାଇବା ବ୍ୟତୀତ ଏକ ଉତ୍ତମ ବାହୁମଣ୍ଡଳୀୟ ଅଙ୍ଗାର ପରିଶୋଷଣକାରୀ ଓ କାଠର ବିକଳ୍ପ ଭାବରେ କାର୍ଯ୍ୟ କରୁଥିବା ବାଉଁଶ ବର୍ତ୍ତମାନର ପରିବେଶ ନିରାପତ୍ତାର ଆହ୍ୱାନକୁ ଗ୍ରହଣ କରିବାରେ ସମ୍ପୂର୍ଣ୍ଣ ସକ୍ଷମ ହେବ।


ବାଉଁଶ ଚଟେଇ ବୋର୍ଡ


ବାଉଁଶ ଫର୍ଣ୍ଣିଚର

ବାଉଁଶର ଉପଯୋଗିତା ହୃଦୟଙ୍ଗମ କରି ଓଡ଼ିଶା ସରକାର ଏହି କ୍ଷେତ୍ରର ସମନ୍ୱିତ ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। **ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା** ଏହିପରି ଏକ ପଦକ୍ଷେପ। ଏହାର ପ୍ରଧାନ ଲକ୍ଷ୍ୟ ହେଲା ବାଉଁଶ ସମ୍ପଦର ଉନ୍ନତି ଓ ଚାଷୀ ତଥା କାରିଗରମାନଙ୍କୁ ଯଥେଷ୍ଟ ଲାଭ ପ୍ରଦାନ।






କାରିଗର ତାଲିମ



ବାଉଁଶ ଚାରା

ବାଉଁଶ କ୍ଷେତ୍ରର ଉନ୍ନତି ପାଇଁ ଚାଷୀ ଓ କାରିଗର ତଥା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂସ୍ଥା ଓ ସମବାୟ ସଂସ୍ଥାମାନଙ୍କୁ ଜଡ଼ିତ କରାଇବାର ବିଭିନ୍ନ ଅନ୍ତବର୍ତ୍ତି ପଦକ୍ଷେପମାନ ନିଆଯାଇଛି। **ଏପରିକି ଏହି ଭାଗୀଦାରମାନଙ୍କୁ ବୈଷୟିକ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି।** ଏହି ସଂସ୍ଥାର ନିୟମିତ କାର୍ଯ୍ୟ ହେଲା ଚାଷୀମାନଙ୍କର ବାଉଁଶ ଚାଷରେ ଦକ୍ଷତା ବୃଦ୍ଧି ଓ ବାଉଁଶ କାରିଗରମାନଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି। କିନ୍ତୁ ପ୍ରଧାନ କାର୍ଯ୍ୟ ହେଲା ବ୍ୟବସାୟିକ ଚାଷ ଦ୍ୱାରା ବାଉଁଶ ସମ୍ପଦର ପୁନଃଉତ୍ପତ୍ତି ଓ ବାଉଁଶ ମୂଳରେ ମୃତ୍ତିକା ପିଣ୍ଡଦେଇ ପ୍ରତିଷ୍ଠିତ ବାଉଁଶବୁଦାର ଉନ୍ନତି ସାଧନ କରିବା। ପ୍ରୋତ୍ସାହନ ଦେବା ଓ ପ୍ରକ୍ରିୟା କରଣ ସମୟ ହ୍ରାସ କରିବା ପାଇଁ ସାଧାରଣ ସୁବିଧା କେନ୍ଦ୍ରମାନ ସ୍ଥାପନା କରାଯାଉଛି। ଏହି କେନ୍ଦ୍ରମାନଙ୍କରେ ହସ୍ତଶିଳ୍ପପାଇଁ ସରଞ୍ଜାମ ଯୋଗାଇ ଦେବା ବ୍ୟତୀତ ଧୂପକାଠି ତିଆରି, ବାଉଁଶ ଚାଞ୍ଛିବା ଓ ଫାଳ କରିବା ଯନ୍ତ୍ରପାତି ଆଦି ମଧ୍ୟ ବସାଯାଉଛି।



ବାଉଁଶ ଚାଷ



ବାଉଁଶ ସମ୍ପଦର ଉନ୍ନତି



ଚାଞ୍ଛିବା ମେସିନ୍




ଖୁଚୁରା ବିକ୍ରୟ କେନ୍ଦ୍ର



ବାଉଁଶ ବଜାର

ବାଉଁଶ ତିଆରି ହସ୍ତଶିଳ୍ପର ବିପଣନ ପାଇଁ ସ୍ଥାନୀୟ, ପ୍ରାଦେଶିକ ତଥା ଜାତୀୟ ସ୍ତରରେ ବାଣିଜ୍ୟ ମେଳାରେ ନିୟମିତ ଭାବରେ ଭାଗ ନେବାର ବ୍ୟବସ୍ଥା କରାଯାଉଛି। ଖୁଚୁରା ବିକ୍ରୟ କେନ୍ଦ୍ରମାନ ସ୍ଥାପନା ବ୍ୟତୀତ ଅଭାବି ବିକ୍ରୟକୁ ରୋକିବା ପାଇଁ ତଥା ବାଉଁଶ ଚାଷୀମାନଙ୍କର ସୁନିଶ୍ଚିତ ଆୟ ଲାଭ ପାଇଁ ବାଉଁଶ ବଜାରମାନ ସୃଷ୍ଟି କରାଯାଉଛି। **ଏହି ପ୍ରୟାସ କ୍ରମରେ ବାଉଁଶ, ଯାହାକି ଗରିବ ଲୋକର କାଠ ରୂପେ ପରିଚିତ, ତାକୁ ଏକବିଂଶ ଶତାବ୍ଦୀର କାଠର ମର୍ଯ୍ୟାଦା ଦେବା ପାଇଁ ଆମେ ସଦା ଚେଷ୍ଟିତ ଅଛୁଁ।** ଏହି ପଦକ୍ଷେପଗୁଡ଼ିକ ପାଇଁ ପ୍ରଧାନ ଅର୍ଥ ବ୍ୟବସ୍ଥାକାରୀ ସଂସ୍ଥାମାନ ହେଲା ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ଅଧିନସ୍ଥ ଜାତୀୟ ବାଉଁଶ ମିଶନ (ଏନ୍.ବି.ଏମ୍); ଭାରତ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଅଧିନସ୍ଥ ଜାତୀୟ ବାଉଁଶ ଔଦ୍ୟଗିକ ମିଶନ (ଏନ୍.ଏମ୍.ବି.ଏ) ଏବଂ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ। ଅଧିକ ସୂଚନା ପାଇଁ ଆମର ୱେବସାଇଟ୍ www.orissabamboo.org ସହ ଯୋଗାଯୋଗ କରନ୍ତୁ।

ORISSA BAMBOO DEVELOPMENT AGENCY

BDA APARTMENTS, 4TH FLOOR, NILAKANTHANAGAR, NAYAPALLI,
BHUBANESWAR -751 012, Phone : +91 674 256 5344 (O), +91 674 256 5345 (Fax),
E-Mail : obda@rediffmail.com
Web site : www.orissabamboo.org

Compiled by: S. K. Popli & B. R. Dash

Design & Print: inhousegraphics@rediffmail.com